# NATIONAL NEWS BULLETIN (ODIA)

## 24th October - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ 'ଦାନା' ପାରାଦ୍ୱୀପ ଉପକୂଳରୁ ଦକ୍ଷିଣ-ପୂର୍ବ ଦିଗରେ ୧୫୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ।

— ଆଜି ବିଳମ୍ବିତ ରାତିରୁ ଆସନ୍ତାକାଲି ସକାଳ ସୁଦ୍ଧା ଛୁଇଁବ ସ୍ଥଳଭାଗ ।

— ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କୁ କରାଯାଉଛି ସ୍ଥାନାନ୍ତରଣ ।

— ଓଡ଼ିଶା ସରକାରଙ୍କ ବାତ୍ୟା ପ୍ରାକ୍ ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ।

- ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟିରେ ୬ ହଜାର ୭୯୮ କୋଟି ଟଙ୍କା ବ୍ୟୟ ଅଟକଳରେ ଦୁଇଟି ରେଳ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ ।

- ନୂଆଦିଲ୍ଲୀରେ ଚାଣକ୍ୟ ପ୍ରତିରକ୍ଷା କଥାବାର୍ତ୍ତା-୨୦୨୪କୁ ଉଦ୍‌ଘାଟନ କଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।

ଏବଂ

- ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଗୋଟିଏ ୱିକେଟ୍ ହରାଇ ଭାରତ କରିଛି ୧୬ ରନ୍ ।

## ସାଇକ୍ଲୋନ୍ - ଦାନା

ସାମୁଦ୍ରିକ ଝଡ଼ 'ଦାନା' ଉପକୂଳ ଆଡ଼କୁ ଅଗ୍ରସର ହେବା ସହ ଭିତରକନିକା ଏବଂ ଧାମରା ମଧ୍ୟରେ ଆଜି ବିଳମ୍ବିତ ରାତି କିମ୍ୱା ଆସନ୍ତାକାଲି ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବ। ବର୍ତ୍ତମାନ ଘୂର୍ଣ୍ଣିଝଡ଼ ପାରାଦ୍ୱୀପ ଉପକୂଳଠାରୁ ଦକ୍ଷିଣ-ପୂର୍ବ ଦିଗରେ ୧୫୦ କିଲୋମିଟର ଏବଂ ଧାମରାଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୮୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ଅଛି। ବାତ୍ୟା ଘଣ୍ଟାପ୍ରତି ୧୦ କିଲୋମିଟର ବେଗରେ ଗତି କରୁଛି । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ୧୦୦ରୁ ୧୨୦ କିଲୋମିଟର ରହିବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି। ରାଜ୍ୟର ତିନୋଟି ଜିଲ୍ଲା କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଝଡ଼ ସ୍ଥଳଭାଗ ଛୁଇଁବା ପରେ ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ

ସାମାନ୍ୟ ମୋଡ଼ ନେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର  ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

ବାତ୍ୟା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ, ୧୧ଟି ଜିଲ୍ଲାର ୬୦ଟି ବ୍ଲକର ପ୍ରାୟ ୪ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ସୂଚନା ଅନୁସାରେ, ୭ ହଜାର ୩୦୦ରୁ ଅଧିକା ବାତ୍ୟା ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ମୌଳିକ ସୁବିଧା ସହିତ ଔଷଧ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି। ପାଖାପାଖି ୪ ହଜାର ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟାସ୍ଥିତିର ସମୀକ୍ଷା କରିଛନ୍ତି। ସରକାର ସମସ୍ତ ପ୍ରକାର ବାତ୍ୟାଜନିତ ସ୍ଥିତିକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟରେ ଦେଖା ଦେଇଥିବା ବାତ୍ୟା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟ ସରକାର ବାତ୍ୟାର ମୁକାବିଲା ପାଇଁ ନେଇଥିବା ପଦକ୍ଷେପ ଗୁଡ଼ିକ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ସି.ସି.ଇ.ଏ. - ରେଲ୍ ପ୍ରୋଜେକ୍ଟ୍ସ

ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ୬ ହଜାର ୭୯୮ କୋଟି ଟଙ୍କା ବ୍ୟୟ ଅଟକଳରେ ଦୁଇଟି ରେଳ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛି । ଏହାଫଳରେ ରେଳସେବା କ୍ଷେତ୍ରରେ କମ୍ ଖର୍ଚ୍ଚ ବହନ କରି ଯାତ୍ରୀମାନେ ସୁବିଧାରେ ରେଳଯାତ୍ରା କରିପାରିବେ । ନୂଆଦିଲ୍ଲୀରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଯୋଗଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୪ ହଜାର ୪୫୩ କୋଟି ଟଙ୍କା ବ୍ୟୟ ଅଟକଳରେ ବିହାରର ରେଳ ପ୍ରକଳ୍ପର ଦୋହରୀକରଣକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଅଯୋଧ୍ୟାରୁ ସୀତାମାଢ଼ୀ, କାଠମାଣ୍ଡୁ, ଜନକପୁର ଏବଂ ଲୁମ୍ବିନୀ ସହର ସଂଯୋଗ ହୋଇପାରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏଥିରେ ୮୭ ଲକ୍ଷ କର୍ମନିଯୁକ୍ତି ଦିବସ ସୃଷ୍ଟି ହୋଇପାରିବ । ବିହାରରେ ୨୫୬ କିଲୋମିଟର ଦୂରତାବିଶିଷ୍ଟ ନିର୍ମାଣ ହେବାକୁ ଥିବା ପ୍ରଥମ ରେଳ ପ୍ରକଳ୍ପ ଦୋହରୀକରଣରେ ନରକାଟିଆଗଞ୍ଜଠାରୁ ରକ୍ସାଉଲ, ସୀତାମାଢ଼ି ଓ ଦରଭଙ୍ଗା ଏବଂ ସୀତାମାଢ଼ୀ-ମୁଜାଫରପୁର ସେକ୍ସନ ଅନ୍ତର୍ଭୁକ୍ତ । ଏହାଫଳରେ ନେପାଳ, ଉତ୍ତର-ପୂର୍ବ ଭାରତ ଏବଂ ସୀମାନ୍ତ ଅଞ୍ଚଳକୁ ରେଳ ଯୋଗାଯୋଗ ସଂଯୋଗ ହେଲେ ମାଲ୍ ପରିବହନ କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ ।

# ରାଜନାଥ ଇଣ୍ଡିଆ-ଚୀନ

ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚାଣକ୍ୟ ପ୍ରତିରକ୍ଷା କଥାବାର୍ତ୍ତା-୨୦୨୪କୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ କହିଛନ୍ତି, ଭାରତ ଓ ଚୀନ ମଧ୍ୟରେ ବାସ୍ତବ ନିୟନ୍ତ୍ରଣ ରେଖା କ୍ଷେତ୍ରରେ ଉପୁଜିଥିବା ବିବାଦକୁ ସମାଧାନ କରିବାପାଇଁ ଉଭୟ ଦେଶ କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା କରୁଛନ୍ତି । ସେ କହିଛନ୍ତି, ଏହି ଆଲୋଚନାରେ ଉଭୟ ଦେଶ ଏକ ସର୍ବସମ୍ମତି ଭାବରେ ଏଭଳି ବିବାଦର ଯେପରି ପୁନରାବୃତ୍ତି ନ ହେବ, ସେଦିଗରେ ଧ୍ୟାନ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି । ନିରାପତ୍ତାକୁ ଦୃଷ୍ଟିରେ ରଖି ସମାନତା ଏବଂ ଆପୋଷ ବୁଝାମଣା ଜରିଆରେ ଏହାର ସମାଧାନ ହେବ ବୋଲି ଦୁଇଦେଶ ସହମତି ପ୍ରକାଶ କରିଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି । ସେହି ଅଞ୍ଚଳରେ ଦୁଇ ଦେଶର ସେନା ମୁତୟନ ହୋଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଉନ୍ନତମାନର କମ୍ପ୍ୟୁଟର ସୂଚନା ପ୍ରଯୁକ୍ତି ବିଦ୍ୟା, ଉପଗ୍ରହ ଯୋଗାଯୋଗ, କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଫଳରେ ବୈଶ୍ୱିକ ଅର୍ଥନୀତିର ରୂପାନ୍ତରଣ ଘଟିଛି । କେନ୍ଦ୍ର ସରକାର ବିକାଶ ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଆତ୍ମନିର୍ଭର ପ୍ରତିରକ୍ଷା କ୍ଷେତ୍ରରେ ଜାତୀୟ ଲକ୍ଷ୍ୟ ହାସଲ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି ।

## ଡିଫେନ୍ସ - ଏ.ସି.ଭି.

ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ତଟରକ୍ଷୀ ବାହିନୀପାଇଁ ୬ଟି ଏୟାର କୁଶନ ଭେହିକିଲ୍ - ଏ.ସି.ଭି. କ୍ରୟ କରିବାପାଇଁ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି । ୩୮୭ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ଏହି ଭେହିକିଲ୍‌ଗୁଡ଼ିକ କ୍ରୟ କରାଯିବ । ସରକାରଙ୍କ ଆତ୍ମନିର୍ଭର ଭାରତ ଭିଜନକୁ ସାକାର କରିବା ଲକ୍ଷ୍ୟରେ ଏହି ଏ.ସି.ଭି.ଗୁଡ଼ିକ ଭାତରରେ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରଥମ ଥରପାଇଁ ନିର୍ମାଣ କରାଯାଇଛି । ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଶିଳ୍ପକୁ ପ୍ରୋତ୍ସାହିତ କରିବାପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି । ସାମୁଦ୍ରିକ ନିରାପତ୍ତାରେ ଭାରତୀୟ ତଟରକ୍ଷୀ ବାହିନୀର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାପାଇଁ ଏ.ସି.ଭି.ଗୁଡ଼ିକର ଗୁରୁତ୍ୱ ଅଧିକ ରହିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ରେଲ୍‌ୱେ - ସ୍ପେଶାଲ୍ ଟ୍ରେନ୍

ରେଳ ମନ୍ତ୍ରଣାଳୟ ଆସନ୍ତା ଦୀପାବଳି ଏବଂ ଛଟ୍ ପୂଜା ପର୍ବରେ ଅଧିକ ଯାତ୍ରୀ ଯାତାୟତ କରିବାକୁ ଦୃଷ୍ଟିରେ ରଖି ୭ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି । ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କହିଛନ୍ତି, ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକରେ ପ୍ରତ୍ୟେକ ଦିନ ପ୍ରାୟ ୨ ଲକ୍ଷରୁ ଅଧିକ ଯାତ୍ରୀ ଟ୍ରେନ୍‌ରେ ଯାତାୟତ କରିପାରିବେ । ସେ କହିଛନ୍ତି, ଗତବର୍ଷ ୪ ହଜାର ୫ ଶହ ସ୍ୱତନ୍ତ୍ର ଟ୍ରେନ୍ ତୁଳନାରୁ ଚଳିତ ବର୍ଷ ଏହାକୁ ୭ ହଜାରକୁ ବୃଦ୍ଧି କରାଯାଇଛି ।

## ନୀତିନ ଗଡ଼କରୀ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀ କହିଛନ୍ତି, ସଡ଼କ ସୁରକ୍ଷା ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତା ଭଳି ସମସ୍ତ ପ୍ରକାରର ଉନ୍ନତ ଜ୍ଞାନକୌଶଳକୁ କାର୍ଯ୍ୟକାରୀ କରାଯାଉଛି । ଆଜି ନୂଆଦିଲ୍ଲୀରେ ଟ୍ରାଫିକ୍ ଇନ୍‌ଫ୍ରାଟେକ୍ ପ୍ରଦର୍ଶନୀର ଦ୍ୱାଦଶ ସଂସ୍କରଣକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ କହିଛନ୍ତି, ଦେଶରେ ସଡ଼କ ନିର୍ମାଣ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ସେ କହିଛନ୍ତି, ଦେଶରେ ସଡ଼କ ନିର୍ମାଣରେ ନିୟୋଜିତ ହୋଇଥିବା ଇଞ୍ଜିନିୟରମାନେ ସେମାନଙ୍କର ସର୍ବୋତ୍ତମ ଜ୍ଞାନ ବ୍ୟବହାର କରିବାର ଆବଶ୍ୟକତା ରହିଛି ।

ସେ କହିଛନ୍ତି, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅନେକ ଏକ୍ସପ୍ରେସ୍ ୱେ ଏବଂ ଏସ୍.ଆଇ.ଏସ୍. ନିୟନ୍ତ୍ରିତ ରାସ୍ତା ନିର୍ମାଣ କରୁଛି । ଏହାଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ । ଦେଶରେ ସଡ଼କ ନିରାପତ୍ତାକୁ

ଆହୁରି ସୁଦୃଢ଼ କରିବା ଲାଗି ମନ୍ତ୍ରଣାଳୟ ଘରୋଇ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରୁଛି । ଶ୍ରୀ ଗଡ଼କରୀ କହିଛନ୍ତି, ଆଇନ ପ୍ରଣୟନ, ଟୋଲ୍ ପରିଚାଳନା ଏବଂ ରାସ୍ତାର ଗୁଣବତ୍ତା ଉପରେ ବିକଶିତ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଗମନାଗମନ ସୁରକ୍ଷିତ ହୋଇପାରିବ ।

## ୱାର୍ଲଡ୍ ସ୍କିଲ୍ - ୨୦୨୪

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ ନୂଆଦିଲ୍ଲୀରେ ବିଶ୍ୱ ଦକ୍ଷତା-୨୦୨୪ର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ବିଜେତାମାନେ ସେମାନଙ୍କ କଠୋର ପରିଶ୍ରମ ଏବଂ ଜ୍ଞାନକୌଶଳର ପାରଦର୍ଶିତା ଦେଖାଇ ଏହି ସମ୍ମାନ ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁ.ଜି.ସି.ର ସହଭାଗିତାରେ ଅନୁଷ୍ଠିତ ଏହି ବିଶ୍ୱ ଦକ୍ଷତା-୨୦୨୪ ପ୍ରତିଯୋଗିତାର ଆୟୋଜନ ହୋଇଥିଲା । ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନେ କେବଳ ଶ୍ରେଣୀଗୃହ ପାଠ୍ୟକ୍ରମରେ ନିଜକୁ ସୀମିତ ନ ରଖି କିଭଳି ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ, ସେଥିପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

## ବି.ଜେ.ପି. - ବାଇ ପୋଲ୍‌ସ୍

ରାଜସ୍ଥାନର ଗୋଟିଏ ଏବଂ ଉତ୍ତରପ୍ରଦେଶର ୭ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ବିଜେପି ପ୍ରାର୍ଥୀ ତାଲିକା ଜାରି କରିଛି। ଦଳ ରାଜସ୍ଥାନର ଚୋରାସୀ ଆସନରୁ କରିଲାଲ ନାନୋମାଙ୍କୁ ପ୍ରାର୍ଥୀ କରିଥିବାବେଳେ ସଞ୍ଜୀବ ଶର୍ମା ଗାଜିଆବାଦ ଆସନରୁ, ସୁଚିସ୍ମିତା ମୌର୍ଯ୍ୟଙ୍କୁ ମାଝଓ୍ୱାନ ଏବଂ ଦୀପକ ପଟେଲଙ୍କୁ ଉତ୍ତରପ୍ରଦେଶର ଫୁଲପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯାଇଛି।

## ସଞ୍ଜୀବ ଶଙ୍କର - କୋଲ୍‌କାତା ଭିଜିଟ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଞ୍ଜୀବ ଶଙ୍କର କୋଲ୍‌କାତା ଆକାଶବାଣୀ ପରିଦର୍ଶନ କରିଛନ୍ତି । ଏଫ୍.ଏମ୍. ଚ୍ୟାନେଲ୍‌ଗୁଡ଼ିକପାଇଁ ଅନୁଷ୍ଠିତ ହେଉଥିବା ରେଡ଼ିଓ ନିଲାମୀ କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିଥିଲେ । ପରେ ଦୁର୍ନୀତି ସମ୍ପର୍କିତ ଏକ ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମନ୍ତ୍ରଣାଳୟର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପୂର୍ବରୁ ଯୁଗ୍ମ ସଚିବ କୋଲ୍‌କାତା ପି.ଆଇ.ବି.ଠାରେ ଚତୁର୍ଥ

ପର୍ଯ୍ୟାୟ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସେ ମଧ୍ୟ କୋଲ୍‌କାତା ଦୂରଦର୍ଶନ କେନ୍ଦ୍ର ପରିଦର୍ଶନ କରିଥିଲେ ।

## କ୍ରିକେଟ୍ - ଇଣ୍ଡିଆ-ନ୍ୟୁଜିଲାଣ୍ଡ

ପୁଣେଠାରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଇନିଙ୍ଗ୍‌ସ୍‌ରେ ନ୍ୟୁଜିଲାଣ୍ଡ ୨୫୯ ରନ୍ କରିଛି । ପରେ ଭାରତ ଗୋଟିଏ ୱିକେଟ୍ ହରାଇ ୧୬ ରନ୍ କରିଥିଲା । ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଡେଭନ୍ କନ୍‌ୱେ ସର୍ବାଧିକ ୭୬ ରନ୍ କରିଥିବାବେଳେ ରଚିନ୍ ରବିନ୍ଦ୍ର ୬୫ ରନ୍ କରିଥିଲେ । ଭାରତ ପକ୍ଷରୁ ଅଲ୍‌ରାଉଣ୍ଡର ୱାଶିଙ୍ଗ୍‌ଟନ୍ ସୁନ୍ଦର ୫ଟି ୱିକେଟ୍ ହାସଲ କରିଥିଲେ । ଭାରତ ପ୍ରଥମ ଇନିଙ୍ଗ୍‌ସ୍‌ରେ ଅଧିନାୟକ ରୋହିତ ଶର୍ମା କୌଣସି ରନ୍ ନ କରି ଆଉଟ୍ ହୋଇଥିଲେ । ଷ୍ଟମ୍ପ୍ ଅପସାରଣ ବେଳକୁ ଶୁଭ୍‌ମନ୍ ଗିଲ୍ ୧୦ ଓ ଯଶସ୍ୱୀ ଜୟଶ୍ୱଲ୍ ୬ ରନ୍ ସଂଗ୍ରହ କରିଥିଲେ । ତିନି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ନ୍ୟୁଜିଲାଣ୍ଡ ୧-୦ରେ ସିରିଜ୍ ଆଗୁଆ ରହିଛି ।

# ୱିମେନ୍ କ୍ରିକେଟ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଏକଦିବସୀୟ ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୪୪ ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୨୭ ରନ୍ ସଂଗ୍ରହ କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୨୪ ଓଭର୍‌ରେ ୪ ୱିକେଟ୍ ହରାଇ ୯୮ ରନ୍ ସଂଗ୍ରହ କରିଛି ।

*****